# ପ୍ରକାଶ ହେଲା ଚୁଡାନ୍ତ ଭୋଟର ତାଲିକା ।

Publication of final voter list.

## ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀରେ ୯ଲକ୍ଷ ୫୭ ହଜାର ୯୨ ଜଣ ମତଦାତା ।

ଅନୁଗୋଳ ୧୫.୦୨ :- ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ୧୧୬୩ଟି ମତଦାନ କେନ୍ଦ୍ରର ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଧାର୍ଯ୍ୟ ହୋଇଥିବା ଆଜି ଦିନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଚୁଡାନ୍ତ ଭୋଟର ତାଲିକାକୁ ଆନୁଷ୍ଠାନିକ ଭାବେ ପ୍ରଦର୍ଶିତ କରିବା ସହ ଏହାକୁ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରିଛନ୍ତି । ଆସନ୍ତା ପୌର ନିର୍ବାଚନ ପୂର୍ବରୁ ସହରାଂଚଳର ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ଓ ବାଦ ପ୍ରକ୍ରୀୟାକୁ ତୁରନ୍ତ ସାରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କେହି ଜଣେ ଯେପରି ମତଦାନରୁ ବାଦ ନ ପଡନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା କଲସେଣ୍ଟରରେ ନିଃଶୁଳ୍କ ନମ୍ବର ୧୯୫୦ ମାଧ୍ୟମରେ ମତଦାତାମାନଙ୍କର ବିଭିନ୍ନ ଆପତ୍ତି ଓ ଦାବୀଗୁଡିକୁ ତୁରନ୍ତ ସମାଧାନ କରିବା ସହ ଯଦି କାହାର ନାମ ଭୁଲଥାଏ ତେବେ ତୁରନ୍ତ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ବର୍ଷ ଫଟୋ ପରିଚୟ ପତ୍ରରେ ରଂଗିନ ଫଟୋ ଲାଗିକରି ମତଦାତାମାନଙ୍କୁ ପରିଚୟ ପତ୍ର ଦିଆଯିବ । ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ଚୁଡାନ୍ତ ଭୋଟ ତାଲିକାରେ ୯ଲକ୍ଷ ୫୭ ହଜାର ୯୨ ଜଣ ମତଦାତା ଅଛନ୍ତି । ଏଥିରେ ପୁରୁଷ ମତଦାତା ୪ ଲକ୍ଷ ୯୮ ହଜାର ୪୦୨ ,ମହିଳା ମତଦାତା ୪ଲକ୍ଷ ୫୮ ହଜାର ୬୪୩ ଓ ଅନ୍ୟାନ୍ୟ ମତଦାତାଂକ ସଂଖ୍ୟା ୪୭ଜଣ ଥିବାର ଜଣାପଡିଛି । ସୂଚନାଯୋଗ୍ୟ କି ଗତବର୍ଷ ସେପ୍‌ଟେମ୍ବର ମାସ ଡ୍ରାଫଟ୍ ପ୍ରକାଶନ ସମୟରେ ମତଦାତାଂକ ସଂଖ୍ୟା ୯ ଲକ୍ଷ ୫୪ ହଜାର ୪୨୩ ଜଣ ଥିଲା । ଆଜି ପ୍ରକାଶିତ ଚୁଡାନ୍ତ ଭୋଟର ତାଲିକା ଅନୁଯାୟୀ ୪ହଜାର ୨୦୧ ଜଣ ମତଦାତାଂକ ସଂଖ୍ୟା ବୃଦ୍ଧି ପାଇଛି । ବୃଦ୍ଧିପାଇଥିବା ମତଦାତାଂକ ମଧ୍ୟରେ ୨୩୧୫ଜଣ ପୁରୁଷ ଓ ୧୮୮୬ ଜଣ ମହିଳା ମତଦାତା ଥିବାର ଜଣାପଡିଛି । ସମୁଦାୟ ୧୪ ହଜାର ୫୫୧ ଜଣଂକର ନାମ ଏହି ଭୋଟର ତାଲିକାରେ ଯୋଗ କରାଯାଇଥିବାବେଳେ ୧୧ ହଜାର ୯୮୩ଜଣଙ୍କ ନାମ ବାଦ ଦିଆଯାଇଛି । ଆଜି ପ୍ରକାଶିତ ଚୁଡାନ୍ତ ଭୋଟର ତାଲିକା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପ ତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଡେପୁଟୀ କଲେକ୍ଟର(ନିର୍ବାଚନ) ଶ୍ରୀ ଲମ୍ବୋଦର ମାରାଣ୍ଡି,ଆଠମଲ୍ଲିକ ତହସିଲଦାର ଡା.ସ୍ୱରୁପା ନନ୍ଦ ସାହୁଙ୍କ ସମେତ ବି ଜେ ଡି ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ,ଭାରତୀୟ ଜାତୀୟ କଂଗ୍ରେସର ଶ୍ରୀ ଶିବାନୀ ଶଂକର ଗୌଡ, ବି ଜେ ପିର ଶ୍ରୀ ରଂଜିତ କୁମାର ଦାସ ଓ ବି ଏସ୍ ପିର ପ୍ରତିନିଧି ଶ୍ରୀ କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL


COURT OF THE COLLECTOR & DISTRICT MAGISTRATE
ANGUL